# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 March – 2026**

# ଅନ୍ତର୍ଜାତୀୟ ମହିଳା ଦିବସ

ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଅବଦାନ ଏବଂ ସଫଳତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଉଛି। ବର୍ତ୍ତମାନ ସମୟରେ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ନାରୀଶକ୍ତିର ପ୍ରଭାବ ପରିଲକ୍ଷିତ ହେଉଛି। ସ୍ୱାଭିମାନୀ, ସ୍ୱାବଲମ୍ବୀ ଏବଂ ସ୍ୱତନ୍ତ୍ରତାକୁ ପ୍ରାଧାନ୍ୟ ଦେଇ ନାରୀ ସମାଜ ପ୍ରଶଂସାର କେନ୍ଦ୍ରବିନ୍ଦୁ ହୋଇଛି । ୧୯୭୫ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଆଜିର ଦିନକୁ ମହିଳା ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ ।

ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ମହିଳା ଓ ବାଳିକାମାନଙ୍କ ପାଇଁ ଅଧିକାର,ନ୍ୟାୟ ଓ ତା'ର କାର୍ଯ୍ୟକାରିତା ।'

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ନୂଆଦିଲ୍ଲୀର ମାନେକସା ଅଡିଟୋରିୟମ୍ ଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସର ଅବସରରେ ମହିଳାଙ୍କ ନେତୃତ୍ୱରେ ବିକାଶକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଯୋଗଦେବେ। ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ବାଚସ୍ପତି ସୁରମା ପାଢ଼ୀ ଆଜି ସକାଳେ ଏକ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । କ୍ରୀଡା ମାଧ୍ୟମରେ ମହିଳାମାନଙ୍କର ଶକ୍ତି, ସହନଶୀଳତା ଏବଂ ସଫଳତାକୁ ସମାଜରେ ଦୃଷ୍ଟିଗୋଚର କରିବା ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଦିବସ ଅସବରରେ ରାଜ୍ୟର ମହିଳାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସରକାର ସେମାନଙ୍କର ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି କହିଛନ୍ତି ।

ରାଜ୍ୟ ସରକାର ମହିଳା କେନ୍ଦ୍ରିତ ଶାସନ ଅଭିମୁଖେ ଦୃଢ ସଂକଳ୍ପ ସହିତ ଆଗକୁ ବଢୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ତାଙ୍କର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କୀତ କାର୍ଯ୍ୟକ୍ରମମାନ ଜିଲ୍ଲା ପ୍ରଶାସନମାନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜନ ହୋଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି ।

## ସୁଭଦ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ହିତାଧିକାରୀଙ୍କୁ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଚତୁର୍ଥ କିସ୍ତି ଅର୍ଥରାଶି ପ୍ରଦାନ କରିବେ। ପୁରୀ ତାଳବଣିଆ ପଡ଼ିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାୟ ୧କୋଟି ୨ଲକ୍ଷ ୧୨ହଜାର ୧୬୫ଜଣ ହିତାଧିକାରୀଙ୍କୁ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବେ । ଚଳିତଥର ୩୬ହଜାର ୩୮୫ଜଣ ହିତାଧିକାରୀ ମଧ୍ୟ ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପାଇବେ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି ।

# ଖରିଫ ଧାନ

ରାଜ୍ୟ ସରକାର ଗତକାଲି ସୁଦ୍ଧା ୧୬ଲକ୍ଷ ୩୩ହଜାର ୩୬ଜଣ ଚାଷୀଙ୍କ ଠାରୁ ଅଣସ୍ତରୀ ଲକ୍ଷ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଖରିଫ ଧାନ ସଂଗ୍ରହ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏ ବାବଦରେ ସରକାର ପ୍ରାୟ ୧୫ହଜାର ୫୯୨ କୋଟି ଟଙ୍କା ଏବଂ ଅତିରିକ୍ତ ଭାବେ ୪ହଜାର ୮୧୧କୋଟି ଟଙ୍କା ଚାଷୀମାନଙ୍କୁ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ସର୍ବାଧିକ ବରଗଡ

ଜିଲ୍ଲାରେ ପ୍ରାୟ ୧ଲକ୍ଷ ୫୯ହଜାର ଚାଷୀଙ୍କ ଠାରୁ ୭ଲକ୍ଷ ୬୬ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଖରିଫ ଧାନ ସଂଗ୍ରହ କରାଯାଇଛି ।

## ପଟ୍ଟା ସଂଶୋଧନ

ରାଜ୍ୟ ସରକାର ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାର ସ୍ୱୀକୃତି ସଂଶୋଧନ ଆଇନ ଅନୁସାରେ ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ ଏବଂ ପଟ୍ଟା ଏବଂ ନକ୍‌ସାର ସଂଶୋଧନ ନେଇ ଜିଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଅବଗତ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ପତ୍ର ମାଧ୍ୟମରେ ଜିଲ୍ଲାପାଳମାନଙ୍କୁ ଆସନ୍ତା ତିନିମାସ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କହିଛନ୍ତି । ଏହା ସହି ଭୂଲେଖ ଡାଟାବେସ ବାକି ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ଏପ୍ରିଲମାସ ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜନହିତାଧିକାରୀ ଯୋଜନା

ଉତ୍ତରାଖଣ୍ଡ ମେଶୌରୀ ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ଶ୍ରୀରାମ ତାରିଣୀକାନ୍ତ ଗଞ୍ଜାମ ଜିଲ୍ଲା ଗସ୍ତ କରି ଛତ୍ରପୁରଠାରେ ବିଭିନ୍ନ ଜନହିତକାରୀ ଯୋଜନା ଗୁଡିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି । ଗଞ୍ଜାମ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ପ୍ରକୃତ କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଜନ ଭାଗିଦାରୀ ବାବଦରେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କର କାର୍ଯ୍ୟଶୈଳୀ ବାବଦରେ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ।

# ଦିଶା ବୈଠକ

ନୟାଗଡ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ଖଣ୍ଡପଡା ବିଧାୟକ ଉପସ୍ଥିତ ରହି ଜିଲ୍ଲା କୃଷି ବିଭାଗର ପୂର୍ବ ଏବଂ ଚଳିତବର୍ଷର କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିଥିଲେ ।  ଜିଲ୍ଲାରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ।

# ପାଣିପାଗ

ପଶ୍ଚିମା ଘୂର୍ଣ୍ଣିବଳୟର ପ୍ରଭାବରେ ବଙ୍ଗୋପସାଗର ଆଡୁ ଜଳୀୟବାଷ୍ପ ବାୟୁର ପ୍ରବାହ ବୃଦ୍ଧି ପାଇଥିବାରୁ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି। ସୂଚନା ଅନୁସାରେ ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ୧୫ଟି ସହରର ତାପମାତ୍ରା ୩୫ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା । ସୋନପୁରରେ ସର୍ବାଧିକ ଦିନର ତାପମାତ୍ରା ୩୭ଦଶମିକ ୭ଡିଗ୍ରୀ ଥିଲା ।